ଅଧିକ ଅମଳକ୍ଷମ, ସଅଳ କିସମର ଧାନ :

ଡିଆରଆର ଧାନ ୪୪: ଡିଆରଆର ଧାନ ୪୪ ହେଉଛି ଭାରତରେ ସଦ୍ୟ ବିକଶିତ ମରୁଡ଼ି ସହନଶୀଳ ଧାନ କିସମ। ମରୁଡ଼ି ସହନଶୀଳ କ୍ଷମତା ସହିତ ଏହା ଅଧିକ ଅମଳକ୍ଷମ ଓ ଶସ୍ୟର ମାନ ଉନ୍ନତ ଅଟେ। ଏହି କିସମର ମହିଷା ରୋଗ ପ୍ରତିରୋଧ୍ କ୍ଷମତା ରହିଛି। ଏଥିସହିତ ଏହାର କେତେକାଂଶରେ ବୀଜାଣୁ ଜନିତ ପତ୍ରପୋଡ଼ା ରୋଗ, ମାଟିଆଗୁଣ୍ଡି ପୋକ ଓ ଧଳାପିଠିଆ ପତ୍ରଡିଆଁ ପୋକ ପ୍ରତିରୋଧ୍ କ୍ଷମତା ରହିଛି। ଏହି କିସମ ହାରାହାରି ୧୨୦ ଦିନରେ ଅମଳ ହୋଇଥାଏ ଓ ଏହାର ଆନୁମାନିକ ଅମଳ ଏକର ପ୍ରତି ୨୦୦୦-୨୨୦୦ କି.ଗ୍ରା. ଅଟେ।

ଡିଆରଆର ଧାନ ୪୨: ଏହା ଅନ୍ୟତମ ଲୋକପ୍ରିୟ କିସମ ଆଇଆର ୬୪ର ଏକ ଉନ୍ନତ ରୂପ ଅଟେ। ଅଧିକ ଅମଳ ଦେବା ସହିତ ଏହାର ମରୁଡ଼ି ସହନଶୀଳ କ୍ଷମତା ରହିଛି। ମରୁଡ଼ି ପ୍ରମଣ ଅଞ୍ଚଳରେ ଏହା ଆଇଆର ୬୪ ତୁଳନାରେ ଭଲ ଅମଳ ଦେଇଥାଏ। ଅଧିକ ଅମଳ, ଉନ୍ନତ ମାନର ଶସ୍ୟ ଓ ମରୁଡ଼ି ସହନଶୀଳ କ୍ଷମତା (ଫୁଲ ହେବା ଓ ଦାନା ପୂରଣବେଳେ ମରୁଡ଼ି ହେଲେ) ପାଇଁ ଏହା ଲୋକପ୍ରିୟ ହେବାରେ ଲାଗଛି। ଏହି କିସମର କିସମର ମହିଷା ରୋଗ ପ୍ରତିରୋଧ୍ କ୍ଷମତା ରହିଛି। ଏହାଛଡ଼ା ଏହାର କେତେକାଂଶରେ ବୀଜାଣୁ ଜନିତ ପତ୍ରପୋଡ଼ା ରୋଗ ଏବଂ ପତ୍ରଚିତା ରୋଗ ପ୍ରତିରୋଧ୍ କ୍ଷମତା ମଧ୍ୟ ରହିଛି। ଏହି କିସମ ହାରାହାରି ୧୨୦ ଦିନରେ ଅମଳ ହୋଇଥାଏ ଓ ଏହାର ଆନୁମାନିକ ଅମଳ ଏକର ପ୍ରତି ୨୦୦୦-୨୨୦୦ କି.ଗ୍ରା. ଅଟେ।

ସହଭାଗୀ ଧାନ: ଭାରତରେ ବ୍ୟାବସାୟିକ ଭାବେ ଚାଷହେବା ପାଇଁ ବିକଶିତ ହୋଇଥିବା ଭାରତର ପ୍ରଥମ ମରୁଡ଼ି ସହନଶୀଳ ଧାନ କିସମ ହେଉଛି ସହଭାଗୀ ଧାନ। ପାରମ୍ପରିକ ପଦ୍ଧତିରେ ପ୍ରଜନନ କରାଯାଇଥିବା ଏହି ଧାନ କିସମ ୨୦୦୯ ମସିହାରେ ବିକଶିତ ହୋଇଛି। ମାଟିର ଗଭୀର ସ୍ତରରୁ ଜଳୀୟ ଅଂଶ ଗ୍ରହଣ କରିବାର କ୍ଷମତା ରହିଥିବାରୁ ଏହା ମରୁଡ଼ି ଅବସ୍ଥାରେ ବିଶେଷ କ୍ଷତିଗ୍ରସ୍ତ ହୋଇନଥାଏ। ଏହାକୁ ଅଣଜଳସେଚିତ ଅଞ୍ଚଳର ଢିପ ଓ ମଧ୍ୟମ ଜମିରେ ଚାଷ କରାଯାଇପାରିବ। ଏହାର ମଧ୍ୟ ପତ୍ରମୋଡ଼ା ପୋକ,ଧଳା ପାଠିଆ ପତ୍ରଡିଆଁ ପୋକ, ମାଟିଆ ଗୁଣ୍ଡି ପୋକ, କାହାଳିଆ ପୋକ, ବିରିହା ପୋକ, ଜଉପୋକ, ମହିଷା ରୋଗ ଏବଂ ଡୁଙ୍ଗ୍ରୋ ଭୂତାଣୁ ରୋଗ ସହନଶୀଳ କ୍ଷମତା ରହିଛି। ଏହି କିସମ ହାରାହାରି ୧୦୫ ଦିନରେଅମଳ ହୋଇଥାଏ ଓ ଏହାର ଆନୁମାନିକ ଅମଳ ଏକର ପ୍ରତି ୨୮୦୦-୨୯୦୦ କି.ଗ୍ରା. ଅଟେ।

ବୀଣା ଧାନ ୧୧: ବୀଣା ଧାନ ୧୧ ଇଣ୍ଡୋନେସିଆ ମେଗା କିସମର ଗୋଟିଏ ବନ୍ୟା ସହନଶୀଳ ନୂତନରୂପ ଅଟେ। ଏହା ୨ ସପ୍ତାହ ପର୍ଯ୍ୟନ୍ତ ଠିଆପାଣି ସହ୍ୟ କରିପାରେ। ଏହି କିସମ ହାରାହାରି ୧୨୦ ଦିନରେଅମଳ ହୋଇଥାଏ ଓ ଏକର ପ୍ରତି ୨୨୦୦-୨୪୦୦ କି.ଗ୍ରା. ଅମଳ ଦେଇଥାଏ। ଏହାର ଦାନା ଉନ୍ନତମାନର ଅଟେ। ଠିଆପାଣି ରହିଥିବା ଅବସ୍ଥାରେ ଏହା ଅନ୍ୟ କିସମ ତୁଳନାରେ ଏକର ପ୍ରତି ୪୦୦-୧୨୦୦କି.ଗ୍ରା. ଅଧିକ ଅମଳ ଦେଇଥାଏ।

ସିଆର ଧାନ ୪୦୫: ଉପକୂଳବର୍ତ୍ତୀ ଅଞ୍ଚଳର ଲୁଣି ଜମିରେ (ଅମ୍ଳ ପରିମାପକ ମୂଲ୍ୟ ୫ ରୁ ୮) ଚାଷ କରାଯିବା ପାଇଁ ଉଦ୍ଦିଷ୍ଟ ସିଆର ଧାନ ୪୦୫ ଏକ ଲୁଣି ସହନଶୀଳ ସଅଳ କିସମର ଧାନ ଅଟେ। ଏହି କିସମ ହାରାହାରି ୧୧୦ ଦିନରେ ଅମଳ ହୋଇଥାଏ ଓ ଏହା ଏକର ପ୍ରତି ହାରାହାରି ୨୮୦୦-୨୯୦୦ କି.ଗ୍ରା. ଅମଳ ଦେଇଥାଏ।

ଅଧିକ ଅମଳକ୍ଷମ, ରୋଗ ପ୍ରତିରୋଧ୍, ସଅଳ ଅବଧିର ମୁଗ କିସମ:

ଆଇପିଏମ୍ ୨୦୫-୭ (ବିରାଟ): ଏହାର ସାହେବୀ ରୋଗ ପ୍ରତିରୋଧ କ୍ଷମତା ରହିଛି। ଏହା ପ୍ରାୟ ୫୨-୫୫ ଦିନରେ ଅମଳ ହୋଇଥାଏ ଓ ଏହାର ଏକର ପ୍ରତି ହାରାହାରି ଅମଳ ୪୦୦-୪୮୦ କି.ଗ୍ରା.ଅଟେ।

ଆଇପିଏମ୍ ୯୯-୧୨୫(ମେହା): ଏହାର ସାହେବୀ ରୋଗ ପ୍ରତିରୋଧ କ୍ଷମତା ରହିଛି। ଏହା ପ୍ରାୟ୬୫-୭୦ ଦିନରେ ଅମଳ ହୋଇଥାଏ ଓ ଏହାର ହାରାହାରି ଅମଳ ଏକର ପ୍ରତି ୪୫୦-୫୫୦ କି.ଗ୍ରା. ଅଟେ।

ଆଇପିଏମ୍ ୦୨-୦୩: ଏହାର ସାହେବୀ ରୋଗ ପ୍ରତିରୋଧ୍ କ୍ଷମତା ରହିଛି। ଏହା ପ୍ରାୟ ୬୫-୭୦ଦିନରେ ଅମଳ ହୋଇଥାଏ ଓ ଏହାର ହାରାହାରି ଅମଳ କ୍ଷମତା ଏକର ପ୍ରତି ୪୮୦-୫୫୦ କି.ଗ୍ରା. ଅଟେ।

ଏମ୍ଏଚ୍ ୪୨୧: ଏହାର ସାହେବୀ ରୋଗ ପ୍ରତିରୋଧ୍ କ୍ଷମତା ରହିଛି। ଏହାର ମଞ୍ଜି ଶୁଖି ଝଡ଼ିଯାଏ ନାହିଁ।ଏହା ପ୍ରାୟ ୫୫-୬୦ ଦିନରେ ଅମଳ ହୋଇଥାଏ ଓ ଏହାର ହାରାହାରି ଅମଳ କ୍ଷମତା ଏକର ପ୍ରତି ୪୨୦-୪୮୦ କି.ଗ୍ରା. ଅଟେ।

ଆଇପିଏମ୍ ୦୨-୧୪: ଏହି ମୁଗ କିସମର ସାହେବୀ ରୋଗ ଓ ପତ୍ରମୋଚା ରୋଗ ପ୍ରତିରୋଧ୍ କ୍ଷମତା ରହିଛି। ଏହା ପ୍ରାୟ ୬୫-୭୦ ଦିନରେ ଅମଳ ହୋଇଥାଏ ଓ ଏହାର ହାରାହାରି ଅମଳ କ୍ଷମତା ଏକର ପ୍ରତି ୩୮୦-୪୫୦ କି.ଗ୍ରା. ଅଟେ।

ଅଧିକ ଅମଳକ୍ଷମ, ରୋଗ ପ୍ରତିରୋଧ୍, ସଅଳ ଅବଧିର ବିରି କିସମ:

ଭିବିଏନ୍ ୮: ଏହାର ସାହେବୀ ରୋଗ ପ୍ରତିରୋଧ୍ କ୍ଷମତା ରହିଛି। ଏହାର କେତେକାଂଶରେ ପାଉଁଶିଆ ରୋଗ ପ୍ରତିରୋଧ୍ କ୍ଷମତା ରହିଛି। ଏହା ପ୍ରାୟ ୬୫-୭୦ ଦିନରେ ଅମଳ ହୋଇଥାଏ ଓ ଏହାର ହାରାହାରିଅମଳ କ୍ଷମତା ଏକର ପ୍ରତି ୩୫୦-୪୦୦ କି.ଗ୍ରା. ଅଟେ।

ପିୟୁ ୩୧: ପିୟୁ ୩୧ କିସମର ସାହେବୀ ରୋଗ ପ୍ରତିରୋଧ୍ କ୍ଷମତା ରହିଛି। ଏହା ପ୍ରାୟ ୭୫-୮୦ଦିନରେ ଅମଳ ହୋଇଥାଏ। ଏହାର ହାରାହାରି ଅମଳ କ୍ଷମତା ଏକର ପ୍ରତି ୫୫୦-୬୦୦ କି.ଗ୍ରା. ଅଟେ।

ପିୟୁ ୩୫: ପିୟୁ ୩୫ କିସମର ସାହେବୀ ରୋଗ ପ୍ରତିରୋଧ୍ କ୍ଷମତା ରହିଛି। ଏହା ପ୍ରାୟ ୮୦-୮୫ଦିନରେ ଅମଳ ହୋଇଥାଏ। ଏହାର ହାରାହାରି ଅମଳ କ୍ଷମତା ଏକର ପ୍ରତି ୪୪୦-୪୮୦ କି.ଗ୍ରା. ଅଟେ।

ଆନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ
ପ୍ରଥମ ମହଲା, ସିଜି ବ୍ଲକ୍, ନାଷ୍ଟ କମ୍ପ୍ଲେକ୍ସ, ଦେବ ପ୍ରକାଶ ଶାସ୍ତ୍ରୀ ମାର୍ଗ,
ପୁଷା କ୍ୟାମ୍ପସ, ନୂଆଦିଲ୍ଲୀ-୧୧୦୦୧୨, ଭାରତ
ଟେଲିଫୋନ : +୯୧-୦୧୧-୬୬୭୬୩୦୦୦
ଫାକ୍ସ : +୯୧-୦୧୧-୨୫୮୪୧୮୦୧

ଆନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ, ଓଡ଼ିଶା
ଓଡ଼ିଶା ହବ୍ ଅଫିସ୍, ପ୍ଲଟ ୩୪୦/ସି, ଶହୀଦନଗର, ଭୁବନେଶ୍ୱର,୦୭
ଟେଲିଫୋନ : ୦୬୭୪-୨୫୮୪୯୨୯

www.irri.org www.rkbodisha.in www.knowledgebank.irri.org

ଧାନ ପରେ ପଡ଼ିଆ ରହୁଥିବା ଜମିର ଫସଲ ସାନ୍ଦ୍ରତା ବୃଦ୍ଧି ପାଇଁ ସଅଳ ଡ଼ାଲି ଜାତୀୟ ଫସଲର ଉପଯୋଗ

IRRI

ପ୍ରକାଶକ

ଆନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ
ଏବଂ
କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା

ଓଡ଼ିଶାରେ ଖରିଫ ଧାନ ଅମଳ ହେବାପରେ ଏକ ବ୍ୟାପକ ଅଞ୍ଚଳ (୧.୫୨ ନିୟୁତ ହେକ୍ଟର) ରବି ଋତୁରେ ପଡ଼ିଆ ରହିଥାଏ। ଏସବୁ ଜମି ଛଅଟି କାରଣ ଯୋଗୁଁ ପଡ଼ିଆ ରହିଥାଏ। ସେସବୁ ହେଲା: (୧) ଜଳସେଚନର ଅଭାବ, (୨) ଉପକୂଳବର୍ତ୍ତୀ ଖାଲୁଆ ଅଞ୍ଚଳରେ ପାଣି ଜମି ରହିବା, (୩) ମୃତ୍ତିକା ବା ଜଳଅଧିକ ଲବଣାକ୍ତ ହେବା, (୪) ଖରିଫ ଋତୁରେ ବିଳମ୍ବ କିସମ ଦେଶୀ ଧାନ ଚାଷ ହେବା ଯୋଗୁଁ ଅମଳରେ ବିଳମ୍ବ ଘଟିବା, (୫) ରବି ଫସଲ ବୁଣିବାବେଳେ ମାଟିରେ ଯଥେଷ୍ଟ ବତର ନରହିବା ଏବଂ (୬) ଖରିଫଧାନ କଟାଯିବା ପରେ ମୁକ୍ତ ଭାବେ ଗୋରୁଗାଈ ଛଡ଼ାଯିବା।

ଓଡ଼ିଶାର ଧାନଚାଷ ଅଞ୍ଚଳ (୨୦୧୬ ମସିହା ଖରିଫ)

ରାଜ୍ୟର ଏସବୁ କମ୍ ଉତ୍ପାଦନକ୍ଷମ ଅଞ୍ଚଳରେ ଉତ୍ପାଦିକତା ବୃଦ୍ଧି କରିବା ଆମ ପାଇଁ ବଡ଼ ଆହ୍ୱାନ ଅଟେ। ଡାଲିଜାତୀୟ ଫସଲ କମ୍ ପାଣି ଆବଶ୍ୟକ କରୁଥିବାରୁ ଏହାକୁ ଧାନ ପରେ ପଡ଼ିଆ ରହୁଥିବା ଜମିରେ ଚାଷ କରାଯାଇ ଫସଲ ସାନ୍ଦ୍ରତା ବୃଦ୍ଧି କରିବା ସହିତ ଫସଲ ପରିବର୍ତ୍ତନ କରାଯିବା ଆବଶ୍ୟକ। ଖାଦ୍ୟରେ ପୁଷ୍ଟିସାର ଯୋଗାଉଥିବାରୁ ଖାଦ୍ୟ ଓ ପୁଷ୍ଟି ସୁରକ୍ଷା ପାଇଁ ଡାଲିଜାତୀୟ ଫସଲ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ବାୟୁମଣ୍ଡଳର ଯବକ୍ଷାର ବିବନ୍ଧନ କରୁଥିବାରୁ ଏହା ମୃତ୍ତିକା ସ୍ୱାସ୍ଥ୍ୟରକ୍ଷାରେ ବେଶ୍ ସହାୟକ ହୋଇଥାଏ। ଏଥିଯୋଗୁଁ ପରବର୍ତ୍ତୀ ଫସଲର ଅମଳ ବୃଦ୍ଧି ପାଇଥାଏ। ଡାଲିଜାତୀୟଫସଲ ବିହନରୁ ଭଲ

ଓଡ଼ିଶାରେ ୨୦୧୬-୧୭ ବର୍ଷରେ ଧାନ ପରେ ପଡ଼ିଆ ରହୁଥିବା ଜମିର ମାନଚିତ୍ର

ଓଡ଼ିଶାର ମୃତ୍ତିକା ଜଳ ସୂଚକ ମାନଚିତ୍ର



ଗଜା ହେବା ପାଇଁ ଧାନ ଅମଳ ପରେ ମାଟିରେ ଯଥେଷ୍ଟ ବତର ରହିଥିବା ଦରକାର। ତେଣୁ ଏସବୁ ଜମି ପାଇଁ ଅଳ୍ପ ଦିନରେ ଅମଳ ହେଉଥିବା (୧୦୦-୧୨୦ ଦିନ) ଉପଯୁକ୍ତ କିସମର ଧାନ (ଯଥା ବୀଣା ଧାନ ୧୧, ସିଆର ଧାନ-୪୦୫, ସହଭାଗୀ ଧାନ, ଡିଆରଆର ୪୨, ଡିଆରଆର ୪୪, ଇତ୍ୟାଦି)କୁ ଖରିଫ ଋତୁରେ ଚାଷ କରାଯିବା ଆବଶ୍ୟକ।

ଡାଲିଜାତୀୟ ଫସଲ ବୁଣିବା ପାଇଁ ପ୍ରମୁଖ ନିୟମାବଳୀ

ଜମି ଚୟନ ଓ ଜମି ପ୍ରସ୍ତୁତି: ଜମି ନିଗିଡ଼ା ହେବା ସହିତ ବାଲିଆ ଦୋରସାରୁ ମଟାଳ ଦୋରସା ମାଟି ଉପଯୁକ୍ତ ଅଟେ। ମାଟିର ଅମ୍ଳ ପରିମାପକ ମୂଲ୍ୟ ୬.୫ରୁ ୮.୫ ହୋଇଥିବ ଏବଂ ଏଥିରେ ଅତ୍ୟଧିକ ଲବଣ ରହି ନଥିଲେ ଭଲ। ଥରେ ଗଭୀର ହଳ କରିସାରିବା ପରେ ଆଉଥରେ ହଳ କରି ମଇ ଦେଇଦେଲେ ବୁଣିବାପାଇଁ ଉପଯୁକ୍ତ ହୋଇଥାଏ। ଜମିର ମାଟି ହାଲୁକା ହୋଇଥିବା ସହିତ ଉପଯୁକ୍ତ ଭାବେ ଜଳସେଚନ ବ୍ୟବସ୍ଥା ରହିଥିବା ଦରକାର।

ବିହନ ବିଶୋଧନ: ରାଇଜୋବିୟମ ଓ ଫସଫେଟ୍ ସଲୁବିଲାଇଜିଙ୍ଗ ବୀଜାଣୁ ସହିତ (ପ୍ରତି ୧୦ କି.ଗ୍ରା. ବିହନ ସହିତ ୨୫୦ ଗ୍ରାମ୍) ବିହନକୁ ଗୋଳାଇ ସାରିବା ପରେ ଏହାକୁ କବକନାଶକ ଓ କୀଟନାଶକ ସହିତ ମିଶାଇ ବିଶୋଧନ କରିବା ଦରକାର।

ବିହନ ପରିମାଣ ଏବଂ ବୁଣିବା ପଦ୍ଧତି: ଏକର ପ୍ରତି ୮ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ। ବିହନକୁ ସାର ଓ ବିହନ ବୁଣା ଡ୍ରମ୍ ସାହାଯ୍ୟରେ ମାଟିର ୩-୫ ସେ.ମି. ଗଭୀରତାରେ ବୁଣିବା ଉଚିତ୍। ଧାଡ଼ିକୁ ଧାଡ଼ି ଦୂରତା ୩୦ ସେ.ମି. ଏବଂ ଗଛକୁ ଗଛ ଦୂରତା ୮-୧୦ ସେ.ମି. ରଖି ବିହନ ବୁଣିବା ଦରକାର।

ରାସାୟନିକ ସାର: ବୁଣିବାବେଳେ ମୂଳସାର ହିସାବରେ ଏକର ପ୍ରତି ୮ କି.ଗ୍ରା. ଯବକ୍ଷାର, ୧୬ କି.ଗ୍ରା. ଫସଫରସ୍ ଓ ୮ କି.ଗ୍ରା. ପଟାସ ପ୍ରୟୋଗ କରାଯିବା ଉଚିତ୍। ଫୁଲ ହେବାବେଳେ ବା ଛୁଇଁ ହେବାବେଳେ ଶତକଡ଼ା ୨-୨.୫ ଭାଗ ୟୁରିଆ ସ୍ପ୍ରେ କରାଗଲେ ଅଧିକ ଅମଳ ମିଳିଥାଏ। ଜମିରେ ଅଣୁସାର ଅଭାବ ଥିଲେ ତାହାକୁ ପ୍ରୟୋଗ କରିବା ଦରକାର।

ଅନାବନା ଘାସ ଦମନ: ଅନାବନା ଘାସ ଦମନ କରିବା ପାଇଁ ବୁଣିବାର ୪୮ ଘଣ୍ଟା ମଧ୍ୟରେ ଗଜା-ପୂର୍ବ ଘାସମରା ଔଷଧ ପେଣ୍ଡିମେଥାଲିନ୍ ପ୍ରୟୋଗ କରିବା ସହିତ ବୁଣିବାର ୨୫-୩୦ ଦିନ ପରେ ହାତରେ ଘାସ ବାଛିଦେବା ଆବଶ୍ୟକ।

ରୋଗପୋକ ପରିଚାଳନା: ରୋଗପୋକ ଆକ୍ରମଣର ଲକ୍ଷଣ ଅନୁସାରେ ଶତକଡ଼ା ୦.୧ ଭାଗ ମାଲାଥିଅନ୍ ବା ଶତକଡ଼ା ୦.୦୧୮ ଭାଗ ସ୍ପନୋସାଡ୍ ବା ଶତକଡ଼ା ୦.୨ ଭାଗ ପ୍ରୟୋଗ କରିବା ଦରକାର। ଛୁଇଁବିନ୍ଧା ପୋକ ଓ ଶୋଷକ କୀଟ ଦମନ ପାଇଁ ପୂନର୍ବାର ରାସାୟନିକ ଔଷଧ ପ୍ରୟୋଗ କରିବାଆବଶ୍ୟକ। ଅଧିକ ଅମଳ ପାଇବା ପାଇଁ ଫୁଲ ଆସିବାବେଳେ କୀଟନାଶକ ଔଷଧ ପ୍ରୟୋଗ କରିବା ଉଚିତ୍।

ଜଳସେଚନ: ଖରାଦିନେ ମାଟିର ଜଳୀୟ ଅଂଶକୁ ନଜରରେ ରଖି ପ୍ରତି ସପ୍ତାହ ବ୍ୟବଧାନରେ (ବୁଣିବାର ୨୫ ଦିନ ପର ଠାରୁ ଆରମ୍ଭ କରି) ୩-୪ ଥର ଜଳସେଚନ କରିବା ଉଚିତ୍।

ସାଇତି ରଖିବା: ଡାଲିଜାତୀୟ ଶସ୍ୟ ସାଇତି ରଖିବା ପାଇଁ ଆନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ (ଓଜଜଓ) ସୁପର ବ୍ୟାଗ୍ ବ୍ୟବହାର କରିବା ଉଚିତ୍। ଧାନ୍ୟାଦି ଶସ୍ୟ ଓ ଅନ୍ୟାନ୍ୟ ଶସ୍ୟକୁ ନିରାପଦ ଭାବେ ଅଧିକ ଦିନ ସାଇତି ରଖିବା ପାଇଁ ଏହି ସୁପର ବ୍ୟାଗ କୃଷକଙ୍କ ପାଇଁ ବେଶ୍ ଉପଯୋଗୀ ହୋଇଥାଏ। ସୁପରବ୍ୟାଗ୍ ଦ୍ୱାରା ବିହନର ଗଜାହେବା କ୍ଷମତା ୬-୧୨ ମାସ ପର୍ଯ୍ୟନ୍ତ ରହିଥାଏ। ଏଥିସହିତ ରାସାୟନିକ ଔଷଧ ବ୍ୟବହାର ନକରି ସାଇତା ଶସ୍ୟର କୀଟ ଦମନ କରାଯାଇଥାଏ।